## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର, ୨୯।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ କୋକଲବା ନିକଟରେ ଜଣେ ଯୁବକଙ୍କୁ ରବିବାର ସକାଳୁ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମେଡିକାଲରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଲେ ଖମରାପଲ୍ଲୀ ଗ୍ରାମର ଶିବରାମ ରାଉତ (୨୫) । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ଶିବରାମ ମାମୁ ଘର କୋକଲୁଣ୍ଡା ଗ୍ରାମରେ ରହୁଥିଲେ। ଶନିବାର ରାତିରେ ସେ ଦଣ୍ଡନାଚ ଦେଖିବାକୁ ବାଇକ୍‌ରେ ଯିବା ସମୟରେ କୌଣସି ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

### ବାଇକ୍ ଧକ୍କାରେ ବୃଦ୍ଧ ଆହତ

ଭଞ୍ଜନଗର, ୨୯।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଗୋବରା ମୁଖ୍ୟ ରାସ୍ତାର ମୁଦୁଲିପଲ୍ଲୀ ନିକଟରେ ରବିବାର ଏକ ବାଇକ ଧକ୍କାରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେହେଲେ ବାରେଣୀ ନାୟକ। ଭାରସାମ୍ୟ ହରାଇ ବାଇକ୍‌ଟି ବୃଦ୍ଧଙ୍କୁ ଧକ୍କା ଦେଇଥିବା କୁହାଯାଉଛି।

### ଚକ୍ଷୁ ପରୀକ୍ଷା ଶିବିର

ବୁଗୁଡ଼ା, ୨୯।୩ (କାଳୀଚରଣ ଦାଶ)

ବୁଗୁଡ଼ା ବଳଦେବ ସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ସହଯୋଗରେ ସଂଘ କାର୍ଯ୍ୟାଳୟରେ ରବିବାର ମୋଟର କର୍ମଚାରୀଙ୍କ ପାଇଁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ବୁଗୁଡ଼ା ମେଡିକାଲର ଚକ୍ଷୁ ସହାୟିକା ଶୁଭଶ୍ରୀ ପାଳ ଯୋଗଦେଇ ସମସ୍ତ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମଭିଆଇ କିଶୋର ଦେଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁଗୁଡ଼ା ଘରୋଇ ବସ୍ ମାଲିକ ସଂଘ ସଭାପତି ହର ପ୍ରସାଦ ଦାଶ, ସମ୍ପାଦକ ଦୀପକ ଦାଶ, ହାଡୁ ବନ୍ଧୁ ସ୍ୱାଇଁ, ବିଦେଶୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ରାମଚରିତ ମାନସ, ପ୍ରବଚନ ଉଦ୍‌ଯାପିତ

ଧରାକୋଟ, ୨୯।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଶରଧାପୁର ପଞ୍ଚାୟତ ଅନ୍ତର୍ଗତ କୁଶରା ଗ୍ରାମରେ ଦୀର୍ଘ ୯ଦିନ ରାମ ନବମୀ ଉପଲକ୍ଷେ ଚାଲିଥିବା ରାମ କଥା,ରାମ ଚରିତ ମାନସ ପରାୟଣ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେହ ଗ୍ରାମରେ ସକାଳୁ ରାମଚରିତ ପାରାୟଣ ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହେଉଥିଲା। ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ରାମ ଚରିତ ପ୍ରବଚନ ହେଉଥିଲା। ରାମଙ୍କ କଥା ମୃତ ଶ୍ରବଣ ପାଇଁ ଗ୍ରାମର ସମସ୍ତେ ଗୋଟିଏ ସ୍ଥାନରେ ଏକାଠି ହେଉଥିଲେ। ଆଖପାଖ ଗ୍ରାମର ଲୋକେ ମଧ୍ୟ ପ୍ରବଚନ ଶୁଣିବାକୁ ଆସୁଥିଲେ। ପୂଜା ମଣ୍ଡପରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଙ୍କ ଫୋଟ ଚିତ୍ର ରଖି ପୂଜାର୍ଚ୍ଚନା କରାଯାଉଥିଲା। ପ୍ରଥମ ଦିବସରେ କଳସ ଯାତ୍ରାରେ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରାମନବମୀରେ ହୋମ ଜଜ୍ଞରେ ଶେଷ ହୋଇଛି। ଗ୍ରାମ ବସୀ ଓ ଆଠଗଡ଼ର ସୁଧର୍ମା ସେବା ସଂଘ ଏହାକୁ ଆୟୋଜନ କରିଥିଲେ। ପ୍ରବଚକ ଭାବରେ ଗହଙ୍ଗୁ ମଠର ମଠାଧିସ ଶ୍ରୀରାଘବା ନନ୍ଦ ମହାରାଜ, ବଡ଼ମଠ ଆଠଗଡ଼ ପାଟଣାର ସନ୍ଥ ଶ୍ରୀରାମଚନ୍ଦ୍ର ଦାସ, ଧାରକଆରି ରୂପେ ଆଠଗଡ଼ର ସୀମାଞ୍ଚଳ ମିଶ୍ର ପ୍ରବଚନ ଦେଇଥିଲେ।

# ପ୍ରଶାସନର ତାଗିଦ ପରେ ମଧ୍ୟ ପୋଡ଼ାଯାଉଛି ଇଟା

■ ଅଭିଯୋଗ କଲେ ଅଞ୍ଚଳବାସୀଙ୍କୁ ନାଲିଆଖି
■ ଜରିମାନା ଦେଲୁ, ଏତେ ଇଟା କରିଛୁ କ'ଣ ହେବ: ଇଟାଭାଟି ମାଲିକ

ପାରଳାଖେମୁଣ୍ଡି, ୨୯।୩(ଗିରିଧାରୀ ପରିଚ୍ଛା)


ଇଟା ପୋଡିବା ଲାଗି ଗଦା ହୋଇଥିବା କାଠ।

ଗଜପତି ଜିଲା କାଶୀନଗର ଓ ଗୁମ୍ମା ବ୍ଲକରେ ଦିନକୁ ଦିନ ବଢ଼ି ଚାଲିଛି ବେଆଇନ ଇଟାଭାଟି। ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ବେଆଇନ କାରବାରକୁ ରୋକିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ବେଆଇନ ଇଟାଭାଟି ବନ୍ଦ ହେଉନି। ପ୍ରତି ବର୍ଷ ନାମକୁ ମାତ୍ର ବେଆଇନ ଇଟାଭାଟି ଭାଙ୍ଗି ମାଲିକଙ୍କୁ ଜରିମାନା ପକାଇଲେ ସୁଦ୍ଧା ପ୍ରଶାସନର ତାଗିଦକୁ ସେମାନେ ଗୁରୁତ୍ୱ ଦେଉନାହାନ୍ତି। ପରବର୍ତ୍ତୀ ସମୟରେ ଇଟା ପୋଡି ସେମାନେ ଖୁବ୍ ଫାଇଦା ଉଠାଉଛନ୍ତି। ପାରଳାଖେମୁଣ୍ଡିଠାରୁ ଗୁମ୍ମା ରାସ୍ତା ପାର୍ଶ୍ୱରେ ରାଣୀପେଣ୍ଠଠାରୁ ଆରମ୍ଭ କରି ଗୁମ୍ମା ପର୍ଯ୍ୟନ୍ତ ଦଶରୁ ଅଧିକ ବଡ ବଡ ଇଟାଭାଟି ରହିଛି। ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସରେ ଦୁଇ ଥର ଏହି ଇଟାଭାଟି ନଷ୍ଟ କରିବା ସହ ଜରିମାନା ଆଦାୟ ହୋଇଛି। ମାତ୍ର ୪ ଦିନ ତଳେ ରାଣୀପେଣ୍ଠ ଗ୍ରାମସ୍ଥ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଇଟାଭାଟି ଭାଙ୍ଗି ଜରିମାନା ଆଦାୟ କରିଥିଲା ପ୍ରଶାସନ। ହେଲେ ରବିବାର ସେହି ଇଟାଭାଟି ପୁଣି କାର୍ଯ୍ୟକ୍ଷମ ହୋଇଥିବା ଦେଖିବାକୁ ମିଳିଛି। ଇଟା ପୋଡିବା ପାଇଁ ତଷ୍ଣୁ ସହ ବିପୁଳ ପରିମାଣର କାଠ ବ୍ୟବହାର ହେଉଛି। ଏତେ ପରିମାଣର କାଠ କେଉଁଠୁ ଆସୁଛି ତାର କୌଣସି ହିସାବ କାହା ପାଖରେ ନାହିଁ। ସରକାରୀ ନିୟମ ଉଲ୍ଲଂଘନ କରି ଇଟାଭାଟି ଚଳାଇବା, ବେଆଇନ କାଠ ଆଣି ଇଟା ପୋଡ଼ିବା ଏସବୁ ପ୍ରସାଶନର ନାକତଳେ ସହର ନିକଟରେ ଚାଲିଥିବା ସତ୍ତ୍ୱେ ପ୍ରଶାସନ, ବନ ବିଭାଗ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିପରି ନୀରବ ରହିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ଇଟାଭାଟି ମାଲିକମାନଙ୍କୁ ପଚାରିଲେ ସେମାନେ କହୁଛନ୍ତି, ଯାହାକୁ କହିବାର ଅଛି କୁହ। ଜରିମାନା ବାନ୍ଧିଲୁ, ଟଙ୍କା ଦେଲୁ କଣ ପାଇଁ, ଏତେସବୁ ଇଟା ତିଆରି ହୋଇଛି ପୋଡି ନ ବିକିଲେ ସେ ଟଙ୍କା କେମିତି ପାଇବୁ ବୋଲି କହୁଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା କହନ୍ତି, ଇଟାଭାଟିଗୁଡିକରେ ଇଟା ପୋଡିବା ଦ୍ୱାରା ଆମେ ଅଞ୍ଚଳବାସୀ ବିଭିନ୍ନ ରୋଗରେ ପୀଡିତ ହେଉଛୁ। ଯଦି ସେମାନଙ୍କୁ ଅଭିଯୋଗ କରୁଛୁ ସେମାନେ ଆମକୁ ନାଲି ଆଖି ଦେଖାଉଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ଦୋକାନ କ୍ୟାବିନ ତଳୁ ଉଦ୍ଧାର ହେଲା ୨ ଅହିରାଜ


ସ୍ନେକ ହେଲ୍‌ପ ଲାଇନ ସଦସ୍ୟ ସାପ ଧରୁଛନ୍ତି।

ଦିଗପହଣ୍ଡି, ୨୯।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଠୁରାବାଡ଼ି ଗାଁର ନିଳାଞ୍ଚଳ ସାହୁଙ୍କ ଜଳଖିଆ ଦୋକାନ କ୍ୟାବିନ ତଳୁ ରବିବାର ସକାଳେ ୨ଟି ଅହିରାଜ (କିଙ୍ଗ୍ କୋବ୍ରା) ସାପକୁ ବନବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ସକାଳେ ଦୋକାନ ମାଲିକ ଏବଂ କେତେ ଜଣ ଗ୍ରାମବାସୀ ସାପକୁ ଦେଖି ଭୟଭୀତ ହୋଇଯାଇଥିଲେ। ଏନେଇ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟର ରେଞ୍ଜର ଦିବ୍ୟରଞ୍ଜନ ସାହୁ, ଫରେଷ୍ଟର ସନ୍ତୋଷ ବିଷୋୟୀରତ୍ନ ସ୍ନେକ ହେଲ୍ପଲାଇନ ସଦସ୍ୟ କାଳିଆ ନାହାକଙ୍କୁ ଗ୍ରାମବାସୀ ଜଣାଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟଗାର୍ଡ ରାଜ କୁମାର ରଇତ, ସୁଜାତା ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କ ସହାୟତାରେ ପ୍ରାୟ ୧୩ ଫୁଟ ଲମ୍ବର ଗୋଟିଏ ଓ ୧୦ ଫୁଟ ଲମ୍ବର ଆଉ ଗୋଟିଏ ୨ଟି ଅହିରାଜକୁ ଧରି ନିକଟସ୍ଥ ଟାଙ୍ଗୁଡ଼ିଦେଇ ଜଙ୍ଗଲରେ ନେଇ ଛାଡିଥିଲେ।

# ଭଞ୍ଜ ସଙ୍ଗୀତର ପ୍ରଚାର, ପ୍ରସାର ଲକ୍ଷ୍ୟ



ଦ୍ୱିତୀୟ ଦିବସରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଭଞ୍ଜନଗର, ୨୯।୩(ବାବୁଲା ପ୍ରଧାନ)

**୧୦୦ତମ ଭଞ୍ଜ ସଙ୍ଗୀତ ଆସର**

ଗଞ୍ଜାମ ଜିଲା ଭଞ୍ଜନଗର ଆନନ୍ଦ ସଙ୍ଗିତାୟନ ପକ୍ଷରୁ ଭଞ୍ଜ ସଙ୍ଗୀତର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ କିଛି ବର୍ଷ ହେବ ମାସକୁ ଥରେ ଭଞ୍ଜ ସଙ୍ଗୀତ ଆସର ହେଉଛି। ଶନିବାର ତାହା ୧୦୦ ତମ ଆସରରେ ପହଞ୍ଚିଛି। ଏଥିରେ ସରକାର ଏବଂ ଅଞ୍ଚଳବାସୀଙ୍କ ସହଯୋଗ ରହୁଛି। ଶନିବାର ସ୍ଥାନୀୟ ଟାଉନ ହଲଠାରେ ସଙ୍ଗୀତ ଆସର ଅବସରରେ ଏକ ସଭା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସଭାପତି ପ୍ରଶାନ୍ତ ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ ଗୋପବନ୍ଧୁ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଆଶୋକ ମହାପାତ୍ରଙ୍କ ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହ ଭଞ୍ଜ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ମ୍ୟୁନିସିପାଲଟି ପକ୍ଷରୁ ଯାହା ସହଯୋଗ ଲୋଡ଼ା ଯୋଗାଇ ଦେବେ ବୋଲି କହିଥିଲେ। ଗବେଷକ ଡ. ସନ୍ତୋଷ ଶତପଥୀ, ଦିଗପହଣ୍ଡି ଅତିରିକ୍ତ ତହସିଲଦାର ଆଶୀଷ ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋକନାଥ ମହାନ୍ତି, ଡ ଉଷା ପାଢ଼ୀ, ବି. ପ୍ରକାଶ ଚନ୍ଦ୍ର ପାତ୍ର, ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, କୃତ୍ତିବାସ ବିଶ୍ୱାଳ, ଡ ଲମ୍ବୋଦର ପାଣିଗ୍ରାହୀ, ଅନନ୍ତ କର, ଡ ବାୟମନୁ ଚର୍ଚ୍ଚି, ମୋତିଲାଲ ପତି ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ ମହାପାତ୍ର ସଂଯୋଜନା କରିଥିଲେ। ନାରାୟଣ ମହାରଣା ଧନ୍ୟବାଦ ଦେଇଥିଲେ। ରବିବାର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ଭଜନ ସିଡିକୁ ଉନ୍ମୋଚନ କରିଥିଲେ। ଉଦଯାପନୀ ଉତ୍ସବରେ ବହୁ ଅତିଥି ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଗ୍ୟାସ୍ ମିଳୁନାହିଁ, ଲୋକେ କାଠକୁ ଫେରିଲେଣି

ଭଞ୍ଜନଗର, ୨୯।୩(ବାବୁଲା ପ୍ରଧାନ)

ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ରୋଷେଇ ଘର ଉପରେ ଗଭୀର ଭାବେ ପଡିଛି। ରନ୍ଧନ ଗ୍ୟାସ ଅଭାବ ଯୋଗୁ ଲୋକେ ସବୁଠି ହଇରାଣ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଓଡ଼ିଶାରେ ପଡିଛି। ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ରନ୍ଧନ ଗ୍ୟାସ ଅଭାବହେତୁ ଲୋକେ ଏବେ ଜାଳେଣି ପାଇଁ କାଠ ବ୍ୟବହାର କଲେଣି। ସହରରେ ୨୫ ଦିନରେ ଗ୍ୟାସ ବୁକିଂ କରିବା ବ୍ୟବସ୍ଥା ଥିବା ବେଳେ ବୁକିଂ କରିବାର ୧୦ ଦିନ ପରେ ଗ୍ୟାସ ମିଳୁଛି। ବଡ଼ ପରିବାରଗୁଡିକୁ ବିଳମ୍ବରେ ଗ୍ୟାସ ମିଳିବା ଦ୍ୱାରା ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କର୍ମସିଆଲ ଗ୍ୟାସ ମିଳୁନାହିଁ। ଫଳରେ ସହରର ଅନେକ ହୋଟେଲ ଓଳିଏ ଖୋଲିଲେ ଓଳିଏ ବନ୍ଦ ରହୁଛି। କଳା ବଜାରରୁ ଗ୍ୟାସ କିଣିଲେ ଅଧିକ ବହୁ ଅଧିକ ଦର ପଡୁଛି। ଗ୍ୟାସ ଅଭାବ ଓ ଯୁଦ୍ଧକୁ ବାହାନା କରି କିଛି ଜିନିଷର ଦରଦାମ ମଧ୍ୟ ବୃଦ୍ଧି ପାଇଲାଣି।

## ବନ୍ଧୁମିଳନ କାର୍ଯ୍ୟକ୍ରମରେ କଂଗ୍ରେସରେ ମିଶିଲେ

ଗୋପାଳପୁର, ୨୯।୩(ନବୀନ ରାଜ ଆଚାରୀ)

ଗୋପାଳପୁର ମେଣ୍ଢରାଜପୁର ପଞ୍ଚାୟତର ଫାସିନୂଆପଡ଼ା ଗ୍ରାମରେ ରବିବାର କଂଗ୍ରେସ ପକ୍ଷରୁ ଆସ ଯୋଡ଼ି ହେବା ଲୋକଙ୍କ ସହ ବନ୍ଧୁ ମିଳନ ଓ କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ପିସିସି ସଭ୍ୟ ଶମ୍ଭୁ ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ। ବିରୋଧ ବିଜେଡି, ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। କଂଗ୍ରେସ କର୍ମୀଙ୍କୁ ଏକାଠି କରି ଆଗାମୀ ଦିନରେ ତୃଣମୂଳରେ ସଂଗଠନକୁ ସୁଦୃଢ଼ .କରିବା ସହ କଂଗ୍ରେସକୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଆଗକୁ ଏଭଳି କାର୍ଯ୍ୟକ୍ରମ ଅନ୍ୟ ପଞ୍ଚାୟତରେ କରାଯିବା ସହ ମୁଁ ଆପଣଙ୍କ ନିକଟରେ ସବୁ ସମୟ ଅଛି ବୋଲି କହିଥିଲେ। ଏହି ଅବସରରେ ଫାସୀନୂଆପଡା ଗ୍ରାମର କେ.ଡିଲେଶ୍ୱର ରେଡି, ସଦାନନ୍ଦ ସେଠି, କାଳୀଦାସ ରେଡି, ହରିସଚନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ ଓ ଅନ୍ୟମାନେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ।

## ଭାଜପା ଗଞ୍ଜାମ ମଣ୍ଡଳ ୨ ଦିନିଆ ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଭାଜପା ନେତା।

ଗଞ୍ଜାମ, ୨୯।୩ (ବିଦ୍ୟାଧର ସାହୁ)

ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଭାଜପା ଗଞ୍ଜାମ ମଣ୍ଡଳ ପକ୍ଷରୁ ୨ ଦିନିଆ ପ୍ରଶିକ୍ଷଣ ଶିବିର ପୋତାଗଡ଼ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଗଞ୍ଜାମ ମଣ୍ଡଳ ନଗର ସଭାପତି ଭଗବାନ ପ୍ରଧାନଙ୍କ ଅଧକ୍ଷତାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲା ସଭାପତି ସରୋଜ ସାବତ, ଜିଲା ପ୍ରଭାରୀ ଗୌରୀ ଶଙ୍କର ପାଢ଼ୀ, ଜିଲା ଉପସଭାପତି ବସନ୍ତ ବେହେରା, ଜିଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ପ୍ରଧାନ, ପୂର୍ବତନ ନଗର ସଭାପତି କାନ୍ତରି ଦଳାଇ, ପୂର୍ବତନ କାଉନ୍ସିଲର ରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ରାନୁ ବୈଠାରୁ, ଭାଜପା ଯୁବନେତା ପପୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ନଗର ସଭାପତି ଭାବେ ଭଗବାନ ପ୍ରଧାନ ଦାୟିତ୍ୱ ନେବା ପରେ ଗଞ୍ଜାମ ଏନ୍‌ଏସି ଅଞ୍ଚଳରେ ଭାଜପା ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଥିବା ଦଳୀୟ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ଏଥିସହ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ଅଧିକ ଆସନ ହାତେଇବ ସେଥିପାଇଁ ତୃଣ ମୂଳସ୍ତରରୁ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ନେଇ ଲୋକଙ୍କ ପାଖକୁ ଯିବା ପାଇଁ ବିଧାୟକ ଆହ୍ୱାନ ଦେଇଛନ୍ତି।

## ମାଲିକାପଡ଼ି ଚର୍ଚ୍ଚ ପକ୍ଷରୁ ଉପକାରାଗାର ଅନ୍ତେବାସୀଙ୍କ ସହ ଆଲୋଚନା




ଜି.ଉଦୟଗିରି, ୨୯।୩ (ଚିନ୍ମୟ କୁମାର ସେଠୀ)

ମାନବିକତା ଓ ସେବାଭାବନାକୁ ଆଗରେ ରଖି ମାଲିକାପଡ଼ିରେ ଥିବା ବାପ୍ତିଷ୍ଟ ମାତୃ ମଣ୍ଡଳୀ ଚର୍ଚ୍ଚ ପକ୍ଷରୁ ସ୍ଥାନୀୟ ଉପକାରାଗାର ପରିଦର୍ଶନ କରି ସେଠାରେ ଥିବା ଅନ୍ତେବାସୀ ମାନଙ୍କ ସହିତ ସାକ୍ଷାତ କରିଛନ୍ତି। ଏହି ଅବସରରେ ଅନ୍ତେବାସୀ କିଛି ଆବଶ୍ୟକ ଜିନିଷ ମଧ୍ୟ ବଣ୍ଟନ କରାଯାଇଥିଲା । ସୂଚନା ଅନୁଯାୟୀ, ଉପକାରାଗାରରେ ବିଭିନ୍ନ ମାମଲାରେ ଅଭିଯୁକ୍ତ ହୋଇ ବିଚାରଧୀନ ଥିବା ମୋଟ ୫୫ ଜଣ ଅନ୍ତେବାସୀ ରହିଛନ୍ତି। ସେଥିରୁ ୫୨ ଜଣ ପୁରୁଷ ଓ ୩ ଜଣ ମହିଳା ଅଛନ୍ତି। ଏହି ସମୟରେ ମାତୃ ମଣ୍ଡଳୀର ସଦସ୍ୟମାନେ ଅନ୍ତେବାସୀଙ୍କୁ ନିରାଶ ନ ହୋଇ ସକାରାତ୍ମକ ଚିନ୍ତାଧାରା ସହ ଜୀବନକୁ ଆଗକୁ ନେବା ପାଇଁ ଉତ୍ସାହ ଦେଇଥିଲେ। ସେମାନଙ୍କୁ ଆତ୍ମବିଶ୍ୱାସ ଓ ଆଶାର ବାର୍ତ୍ତା ଦେଇ ଭବିଷ୍ୟତରେ ଭଲ ଜୀବନ ଗଢ଼ିବାକୁ ପ୍ରେରଣା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜେଲ ପରିଚାଳକ ନୀଳାଞ୍ଚଳ ପଣ୍ଡା ସହ ମାଲିକାପଡ଼ି ମାତୃ ମଣ୍ଡଳୀର ପାଳକ ଆଚାର୍ଯ୍ୟ ସୁବୋଧ ପରିଛା, ସହ ପାଳକ ସଙ୍କେତ ନାୟକ, ମଞ୍ଚାଷିନ ରହିଥିବା ବେଳେ ଅଙ୍କୁର ନାୟକ, ଇନୋଷ ନାୟକ, କୃତାର୍ଥ ନାୟକ, ନିଶିକାନ୍ତ ପ୍ରଧାନଙ୍କ ସହ ଅନ୍ୟାନ୍ୟ ମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ମୃତ ଛାତ୍ରୀଙ୍କ ପରିବାରକୁ ସହାୟତା ଦାବି

ଦିଗପହଣ୍ଡି, ୨୯।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ଚାଞ୍ଚଡାପଲ୍ଲୀ ଗ୍ରାମର ମେଧାବୀ ଛାତ୍ରୀ ରେଶ୍ମା ଭୋଳ (୨୧)ଙ୍କ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ବାପିନି ଭୋଳଙ୍କ ସାନଝିଅ ରେଶ୍ମା ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜରେ ଗତ ୨୦୨୫ରେ ଯୁକ୍ତ ୩ ପାସ କରିବା ପରେ ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ପାଇଁ ଘରେ ପ୍ରସ୍ତୁତ ହେଉଥିଲେ। ଶୁକ୍ରବାର ବି.ଏଡ ଏଣ୍ଟ୍ରାନ୍ସ ଦେବାକୁ ଫର୍ମ ପୂରଣ ପାଇଁ ଗାଁରୁ ଦିଗପହଣ୍ଡିସ୍ଥିତ ଏକ ଜନସେବାକେନ୍ଦ୍ରକୁ ଯାଇଥିଲେ। କାମସାରି ଗାଁକୁ ଫେରିବା ପାଇଁ ଦିଗପହଣ୍ଡି-ଆସିକା ରାସ୍ତାର ବସଷ୍ଟପରେ ମୁଖ୍ୟମନ୍ତ୍ରୀ ବସ୍‌କୁ ଅପେକ୍ଷା କରିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ବର୍ଷା ପବନ ହେବାରୁ ସେ ଶ୍ରୀ ମୁକ୍ତେଶ୍ୱର ଶୈବପୀଠ ପରିସରକୁ ଚାଲି ଚାଲି ଯାଉଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ରେଶ୍ମା ଗୁରୁତର ହୋଇ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଏତଲା ହେବାପରେ ନଂ.୧୬/୨୬ରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ଶନିବାର ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁଙ୍କୁ ପଚାରିବାରୁ ସେ କହିଲେ, ଏନେଇ ମୁଁ ଖବର ପାଇଛି। ତଦନ୍ତ ପରେ ସତ୍ୟତା ଥିଲେ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଅନୁକମ୍ପାମୂଳକ ସରକାରୀ ସହାୟତା ପାଇଁ ସେ ଗଞ୍ଜାମ ଜିଲାପାଳଙ୍କୁ ସୁପାରିସ କରିବେ ବୋଲି କହିଛନ୍ତି।

## ମା' ବଡ଼ରାଉଳ କ୍ରିକେଟ ଟୁର୍ନାମେଣ୍ଟ | ଉଦ୍‌ଘାଟନୀ ମ୍ୟାଚ ଜିତିଲା ହରିଗଡ଼


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର, ୨୯।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ନୂଆପଲ୍ଲୀଠାରେ ରବିବାର ଆରମ୍ଭ ହୋଇଛି ମା' ବଡରାଉଳ କ୍ରିକେଟ ଟୁର୍ନାମେଣ୍ଟ । ଉଦଘାଟନୀ ମ୍ୟାଚ ଝାଲିଆଗୋଛା ଓ ହରିଗଡ ମଧ୍ୟରେ ହୋଇଥିଲା। ଏଥିରେ ହରିଗଡ ୨୮ ରନରେ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛି। ଝାଲିଆଗୋଛା ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ହରିଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କାହ୍ନା ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ। ଜବାବରେ ଝାଲିଆଗୋଛା ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା। ହରିଗଡର କାହ୍ନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଗଣେଶ ଓ ଅଶ୍ୱିନୀ ଆମ୍ପାୟର ଦାୟିତ୍ୱରେ ଓ ପବିତ୍ର ବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଗାଲେରି ସରପଞ୍ଚ ପ୍ରତିନିଧି ଶଙ୍କରସନ ମହାରଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବ୍ରାହ୍ମଣପଦର ସରପଞ୍ଚ ପ୍ରତିନିଧି ମରାଠୀ ଦଳବେହେରା, ପୂର୍ବତନ ସରପଞ୍ଚ ପ୍ରତିନିଧି ଦିଲୀପ ବେହେରା, ସମାଜକ କର୍ମୀ ବାବୁଲା ପାତ୍ର ଏବଂ ଜିତେନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ବନ୍ଦଥିବା ରାଇଘର-ପୁରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଚଳାଚଳ ଦାବି

ଜି.ଉଦୟଗିରି, ୨୯।୩(ଚିନ୍ମୟ କୁମାର ସେଠୀ)

**ପ୍ରତିଶ୍ରୁତିକୁ ବିତିଲାଣି ୧୫ଦିନ, ବିଭାଗ ଚୁପ୍**


ଭଲଭୋ ବସ୍।

ଜି.ଉଦୟଗିରି ସହର ଦେଇ ରାଇଘର-ପୁରୀ ମାର୍ଗରେ ଏକ ଜଗନ୍ନାଥ ଏକ୍ସପ୍ରେସ ବସ୍ ଚଳାଚଳ କରୁଥିଲା। ଯାହା ଦ୍ୱାରା ଉଭୟ ଗଞ୍ଜାମ ଜିଲାର ଭଞ୍ଜନଗର ଏବଂ କନ୍ଧମାଳ ଜିଲାର କଳିଙ୍ଗା, ଜି.ଉଦୟଗିରି ଏବଂ ରାଇକିଆ ଅଞ୍ଚଳର ଜନସାଧାରଣ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ପାରୁଥିଲେ। କିନ୍ତୁ ଗତ ୨୦୨୫ରେ କଳିଙ୍ଗା ଘାଟିରେ ଭୂସ୍ଖଳନ ହୋଇ ରାସ୍ତା ଭୁଶୁଡ଼ିଯିବା ପରେ ସେହି ରୁଟ୍‌ରେ ଉକ୍ତ ବସ୍ ଚଳାଚଳ ବନ୍ଦ କରାଯାଇ ଭାୟା-ଦଶପଲ୍ଲା, ଚାରିଛକ, ଫୁଲବାଣୀ ଦେଇ ଯାତାୟାତ କରୁଛି। ଫଳରେ ବର୍ତ୍ତମାନ ଜି.ଉଦୟଗିରି, ରାଇକିଆ, କଳିଙ୍ଗା ଅଞ୍ଚଳର ଜନସାଧାରଣ ପୁରୀକୁ ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫୁଲବାଣୀ ସହର ମଧ୍ୟ ଦେଇ କି ବର୍ତ୍ତମାନ ୩ଟି ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଯଥା-ବାଲିଗୁଡ଼ା-ପୁରୀ, ଧର୍ମଗଡ଼-ପୁରୀ ଏବଂ ରାଇଘର-ପୁରୀ ବସ୍ ଚଳାଚଳ କରୁଥିବା ବେଳେ ଜି.ଉଦୟଗିରି ସହର ମଧ୍ୟ ଦେଇ ଗୋଟିଏ ମଧ୍ୟ ଜଗନ୍ନାଥ ଏକ୍ସପ୍ରେସ୍ ପୁରୀକୁ ଚଳାଚଳ କରୁନାହିଁ। ଘାଟି ରାସ୍ତା ମରାମତି ପରେ ସେହି ରାସ୍ତା ଦେଇ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନକୁ ସରକାରୀ ଏବଂ ବେସରକାରୀ ବସ୍ ଚଳାଚଳ କରୁଛି। ମାତ୍ର ରାଇଘର-ପୁରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଉକ୍ତ ରାସ୍ତା ଦେଇ ଚଳାଚଳ କରୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ସମସ୍ୟାକୁ ଭିତ୍ତିକରି ସ୍ଥାନୀୟ ଅଞ୍ଚଳର ଯୁବ ଗବେଷକ ତଥା ସମାଜିକ କର୍ମୀ ରାଜେଶ ବର୍ଗର୍ତ୍ତୀ ଗତ ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପଞ୍ଜୀକରଣ କରିଥିଲେ। ଅଭିଯୋଗ ପଞ୍ଜୀକରଣ କରିବା ପରେ ରାଜ୍ୟ ସଡ଼କ ପରିବହନ ନିଗମ ଉକ୍ତ ମାର୍ଗରେ ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି ଗତ ମାର୍ଚ୍ଚ ୧୩ରେ ରାଜେଶଙ୍କୁ ଅବଗତ କରାଇଥିଲେ। ଯଦିଓ ବିଭାଗର ପ୍ରତିଶ୍ରୁତି ମୁତାବକ ଆଗାମୀ ୧୦ ଦିନ ମଧ୍ୟରେ ରାଇଘର-ପୁରୀ ଜଗନ୍ନାଥ ଏକ୍ସପ୍ରେସ୍ ଭଲଭୋ ବସ୍ ପୂର୍ବଭଳି ଜି.ଉଦୟଗିରି ସହର ଦେଇ ଚଳାଚଳ ନ କରେ ତେବେ ସାମଜିକ କର୍ମୀ ରାଜେଶ ପୁନର୍ବାର ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଦାରିଙ୍ଗବାଡି ଠାରୁ ପୁରୀ ଭାୟା ଜି.ଉଦୟଗିରି ଦେଇ ନୂତନ ବସ୍ ଚଳାଚଳ ପାଇଁ ଉଦ୍ୟମ କରିବେ ବୋଲି ସୂଚନା ଦେଇଛନ୍ତି।

# ସ୍ୱଚ୍ଛ ସହର ଗଢ଼ିବା ଉପରେ ବିଏମ୍‌ସିର ଗୁରୁତ୍ୱ

## ୮କୋଟି ବ୍ୟୟରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୨୯।୩(ଅଶୋକ ସାହୁ)


ପ୍ଲାଣ୍ଟ ଉଦ୍‌ଘାଟନ ଅବସରରେ ମେୟର, କମିଶନର ଏବଂ ଅନ୍ୟମାନେ।

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଚନ୍ଦନିଆ ପାହାଡ ନିକଟରେ ବର୍ଜ୍ୟବସ୍ତୁ ପରିଚାଳନାର ସୁକୁଣ୍ଡା ନିକଟ ଦ୍ୱିତୀୟ ନୂତନ ପ୍ଲାଣ୍ଟ ରବିବାର ଉଦଘାଟିତ ହୋଇଛି। ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ କରିବା ଉପରେ ବିଏମସି ଗୁରୁତ୍ୱ ଦେଇଛି ବୋଲି ଉଦଘାଟନ ଅବସରରେ କମିଶନର ଏ. ଶସ୍ୟା ରେଡି ଓ ମେୟର ସଂଘମିତ୍ରା ଦଳାଇ କହିଛନ୍ତି। ପରିବେଶ ଓ ଲୋକଙ୍କ କୌଣସି ଅସୁବିଧା ନହେଲା ଭଳି କାମ କରିବାକୁ କର୍ମଚାରୀଙ୍କୁ ମେୟର ପରାମର୍ଶ ଦେଇଥିଲେ। ଉକ୍ତ ପାହାଡ ନିକଟରେ ପୂର୍ବରୁ ଗୋଟିଏ ପ୍ଲାଣ୍ଟ ଥିଲା। ଉକ୍ତ ନୂତନ ପ୍ଲାଣ୍ଟଟି ୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଡ଼ି ରହିଥିବା ବର୍ଜ୍ୟବସ୍ତୁ ଗୁଡ଼ିକ ଏହି ପ୍ଲାଣ୍ଟ ଦ୍ୱାରା ବାୟୋମାଇନିଙ୍ଗ ହୋଇପାରିବ। ପରିକ୍ରମଣ ପ୍ରକ୍ରିୟା, ସେଗ୍ରିଗେସନ ବ୍ୟବସ୍ଥା ଏବଂ ସମଗ୍ର ଅପରେସନାଲ କାର୍ଯ୍ୟପ୍ରଣାଳୀର ମେୟର ଓ କମିଶନଙ୍କ ସହ ଡେପୁଟି କମିଶନର ଆଶୀର୍ବାଦ ପରିଡା ସମୀକ୍ଷା କରିଥିଲେ। ଡମ୍ପସାଇଟରେ ପଡି ରହିଥିବା ବର୍ଜ୍ୟବସ୍ତୁକୁ ପରିକ୍ରମଣ ଦ୍ୱାରା ଯେଭଳି ପରିବେଶ ସୁରକ୍ଷିତ ହୋଇପାରିବ ଓ ଜମି ପୁନଃ ବ୍ୟବହାର ଯୋଗ୍ୟ ହୋଇପାରିବ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି ନୂତନ ପ୍ଲାଣ୍ଟର କ୍ଷମତା ୧.୮ ମେଟ୍ରିକ ଟନ ରହିଛି। ଏଥିରେ ସ୍ୱତନ୍ତ୍ର ଆରଡିଏଫ ବ୍ୟବସ୍ଥା ରହିଛି। ଏହି ସବୁ ବ୍ୟବସ୍ଥା ପୂର୍ବ ପ୍ଲାଣ୍ଟରେ ନଥିଲା। ଚନ୍ଦନିଆ ହିଲ ଲିଗାସି ୱେଷ୍ଟ ଡମ୍ପସାଇଟରେ ବାୟୋ-ରିମିଡିଏସନ କାର୍ଯ୍ୟ ପୂର୍ଣ୍ଣ ଗତିରେ ଆଗକୁ ବଢୁଛି। ଏହି ଡମ୍ପସାଇଟର ମୋଟ ୧୩.୧୫ ଏକର ଜମିରେ ପ୍ରାୟ ୧.୮୫ ଲକ୍ଷ ମେଟ୍ରିକ ଟନ ଲିଗାସି ୱେଷ୍ଟ ଥିଲା। ଏପର୍ଯ୍ୟନ୍ତ ଏମଜିଏମଏସ ଏନଭାଇରନମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱାରା ୧,୧୧,୦୦୦ ମେଟ୍ରିକ ଟନ୍ ବାୟୋମାଇନିଙ୍ଗ କରାଯାଇଛି। କଲ ଆଣ୍ଡ ଫିକ୍ସ କମ୍ପାନୀକୁ ନୂତନ ପ୍ଲାଣ୍ଟର ପରିଚାଳନା ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ବାୟୋ-ସଏଲ ସିଫ୍ଟିଙ୍ଗ ଓ ରିମିଡିଏସନ କାର୍ଯ୍ୟ ଚାଲିଛି। ପ୍ରୋସେସଡ୍ ଆରଡିଏଫ୍ ୬୯,୩୬୧.୧୦୨ ମେଟ୍ରିକ ଟନ୍, ପ୍ରୋସେସଡ ଇନର୍ଟ ୨୧,୨୭୬.୨୫୪ ମେଟ୍ରିକ ଟନ୍, ପ୍ରୋସେସଡ ବାୟୋ-ସଏଲ : ୭,୦୨୪.୯୨ ମେଟ୍ରିକ ଟନ୍ ଏବଂ ବାକି ଥିବା ୭୦,୯୮୬.୭୪ ମେଟ୍ରିକ ଟନ୍ ଲିଗାସି ୱେଷ୍ଟର ପୂର୍ଣ୍ଣ ବାୟୋ-ରିମିଡିଏସନ ଅଗଷ୍ଟ ମାସ ମଧ୍ୟରେ ସମାପ୍ତ ସରିବ। କାର୍ଯ୍ୟ ସମାପ୍ତି ପରେ ଲ୍ୟାଣ୍ଡସ୍କେପିଙ୍ଗ ଏବଂ ବୃକ୍ଷରୋପଣ କରି ଜମିରେ ପାର୍କ ନିର୍ମାଣ କରାଯିବ ବୋଲି ବିଏମସି ମେୟର କହିଥିଲେ। ଏହି ପ୍ରକଳ୍ପ ବ୍ରହ୍ମପୁର ସହରର ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ଦିଗରେ ଏକ ବଡ଼ ପଦକ୍ଷେପ ହେବ ବୋଲି ଆଶା କରାଯାଉଥିବା କମିଶନର ରେଡ୍ଡୀ କହିଛନ୍ତି। କାର୍ଯ୍ୟକ୍ରମରେ ବହୁ କର୍ପୋରେଟରଙ୍କ ସହ ବିଏମସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର,୨୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନା ଅନ୍ତର୍ଗତ ରମ୍ଭା ଷ୍ଟେସନ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି । ସେ ହେଲେ ପୁରୁଷୋତ୍ତମପୁର ଚଙ୍ଗୁଡିଘାଇର ପିତାମ୍ବର ବେହେରା(୫୧) । ପୋଲିସନଂ.୧୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ବଡ ମେଡିକାଲରେ ମୃତ ଶରୀର ବ୍ୟବଚ୍ଛେଦ କରାଯିବ। ପିତାମ୍ବର ସୁରତ ଯିବାକୁ କହି ଘରୁ ଆସିଥିଲେ। ରବିବାର ମଧ୍ୟାହ୍ନରେ ରମ୍ଭା ରେଳ ଷ୍ଟେସନରେ ସେ ବସିଥିଲେ । ସେହି ସମୟରେ ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ରମ୍ଭା ଷ୍ଟେସନରେ ଅଟକିଥିଲା । ହେଲେ ଟ୍ରେନଟି ଛାଡିବା ବେଳେ ପିତାମ୍ବର ହଠାତ ଟ୍ରେନ ସମ୍ମୁଖକୁ ଆସି ଯାଇଥିଲେ। ତାଙ୍କ ଉପରେ ଟ୍ରେନ ମାଡିଯାଇଥିଲା।

### ଚେତନାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ପାତ୍ରପୁର,୨୯।୩ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ଗୋବିନ୍ଦରାଜପୁର ସ୍ଥିତ ଚେତନାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଛି। ସ୍ୱାମୀ କମଳରୂପାନନ୍ଦ ସରସ୍ୱତୀଙ୍କ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ମାତା ଜ୍ୟୋର୍ତିମୟୀ ସରସ୍ୱତୀ, ଡ.ଭଗବାନ ସାହୁ, ଓଡ଼ିଆଭାଷା ପ୍ରତିଷ୍ଠାନର ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ, ସିଟି କଲେଜ ବ୍ରହ୍ମପୁରର ପ୍ରାକ୍ତନ ଅଧକ୍ଷା ଡ.ମନୋରମା ଦାସ, ସାମାଜିକ କର୍ମୀ ମୀନା ଦ୍ୟାନ ସାମନ୍ତରା, ତଣ୍ଡିପୁର ସରପଞ୍ଚ ରୀତା ପାତ୍ର, ଏସଏସଭିଏମ ବ୍ରହ୍ମପୁରର ଶୈକ୍ଷିକ ନିର୍ଦ୍ଦେଶକ ଉମା ମାଧବ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ସେବାରାଣୀ ଦାସ, ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ଡ.ପଦ୍ମନାଭ ସାହୁ, ସମ୍ପାଦକ ରାଘବ ସୁନ୍ଦର ପଣ୍ଡା ଓ ପ୍ରଧାନ ଆଚାର୍ଯ୍ୟ ଅରୁଣ ପଣ୍ଡା ମଞ୍ଚାସୀନ ଥିଲେ। ବିଦ୍ୟାମନ୍ଦିର ମୁଖପତ୍ର ଚେତନା ସୌରଭ ଅତିଥିମାନେ ଉନ୍ମୋଚନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିଜେ ସଂସ୍କାର ହେଲେ ସମାଜ ସଂସ୍କାର ହେବ ବୋଲି ମୁଖ୍ୟ ଅତିଥି ପ୍ରକାଶ ପ୍ରକାଶ କରିଥିଲେ। ଗୁରୁଜୀ ପ୍ରମୋଦ ପାତ୍ର ଧନ୍ୟବାଦ ଅର୍ପଣ ଦେଇଥିଲେ।

### ଶେରଗଡ଼ରୁ ନିଖୋଜ ନାବାଳିକା ଉଦ୍ଧାର

ଦିଗପହଣ୍ଡି,୨୯।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ ଗାଁରୁ ଆକସ୍ମିକ ଭାବେ ନିଖୋଜ ହୋଇଯାଇଥିବା ନାବାଳିକା(୧୭)ଙ୍କୁ ପୋଲିସ ଶେରଗଡ଼ରୁ ଉଦ୍ଧାର କରିଛି। ତାଙ୍କ ନିଖୋଜ ହେବା ନେଇ ଶନିବାର ରାତିରେ ପରିବାର ଲୋକେ ପାଟପୁର ଥାନାରେ ଅଭିଯୋଗ କରଥିଲେ। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ନଂ.୭୮/୨୬ରେ ମାମଲା ରୁଜୁ କରି ଏସ୍ଆଇ ଶ୍ରୀନିବାସ ଦାସଙ୍କୁ ତଦନ୍ତଭାର ଦେଇଥିଲେ। ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ ରାତି ରେ ବିଭିନ୍ନ ଛକରେ ନାକା ବନ୍ଦୀ କରି ରାସ୍ତାରେ ଚଳାଚଳ କରୁଥିବା ଗାଡ଼ି ମୋଟର ଯାଞ୍ଚ କରିଥିଲା। ପରେ ବିଭିନ୍ନ ଅଞ୍ଚଳରେ ଚଡାଉ କରିଥିଲେ ମଧ ନାବାଳିକାଙ୍କ ସନ୍ଧାନ ମିଳି ନ ଥିଲା। ରବିବାର ସକାଳେ ପୋଲିସ ପକ୍ଷରୁ ନିୟୋଜିତ ଜଣେ ଖବରିଙ୍କ ସୂଚନା ପ୍ରକାରେ ତଦନ୍ତକାରୀ ଅଧିକାରୀ ଶେରଗଡ଼ ବସଷ୍ଟାଣ୍ଡରେ ପହଞ୍ଚି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଥାନାରେ ଜଣେ ମହିଳା ପୋଲିସ ଅଧିକାରୀଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବା ପରେ ତାଙ୍କ ମାତାବାପାଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ ହେବ।

### ପୋଲିସ, ପରିବହନ ବିଭାଗର ମିଳିତ ଯାଞ୍ଚ

ଗୋପାଳପୁର,୨୯।୩ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ପୋଲିସ ଓ ଆରଟିଓ ପକ୍ଷରୁ ରବିବାର ସନ୍ଧ୍ୟାରେ ଅଟୋ ନଗର ଓଭର ବ୍ରିଜ ନିକଟରେ ବିଭିନ୍ନ ଗାଡ଼ି ଯାଞ୍ଚ କରାଯାଇ ୪୦ରୁ ଊର୍ଦ୍ଧ୍ୱ ଚାଳକଙ୍କୁ ଜରିମାନା ପକାଇଥିଲେ। ଅଧିକାରୀମାନେ ଗାଡିର କାଗଜପତ୍ର ସହ ଟ୍ରିପଲ ରାଇଡିଙ୍ଗ, ନିଶା ସେବନ କରି ଗାଡି ଚଳାଇବା ଆଦି ଯାଞ୍ଚ କରିଥିଲେ। ଅତିରିକ୍ତ ଆରଟିଓ ସୋମନାଥ ଶବର, ଏସଆଇ ଚିତ୍ତରଞ୍ଜନ ସାହୁ, ଯୋଶଫ ଗୁଛି, ଟ୍ରାଫିକ କନଷ୍ଟେବଲ ସାଗର ଦୋରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲକ୍ଷ୍ମଣଙ୍କ ସ୍ୱପ୍ନ ପୂରଣ କରିବା ଆମ ଉତ୍ତରଦାୟିତ୍ୱ


ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ନିକଟରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମଣ୍ଡଳ କାରାଗାରରେ ରବିବାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୮୪ ତମ ଶହୀଦ ଦିବସ ପାଳିତ ହୋଇଛି। ଅତିଥି ଭାବେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ ଯୋଗଦେଇ କହିଥିଲେ ଯେ, ଭାରତ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଲକ୍ଷ୍ମଣ ନାୟକଙ୍କ ଅସୀମ ତ୍ୟାଗ ଓ ଦେଶଭକ୍ତିର ପରାକାଷ୍ଠା ସର୍ବଦା ଲିପିବଦ୍ଧ ହୋଇ ରହିବ। ଅନ୍ୟତମ ଅତିଥି ବିଏମସି ମେୟର ସଂଘମିତ୍ରା ଦଳାଇ କହିଲେ, ମିଥ୍ୟା ଆରୋପରେ ଲକ୍ଷ୍ମଣଙ୍କୁ ଫାଶୀ ଦେବାପାଇଁ ୧୯୪୨ ନଭେମ୍ବର ୧୬ରେ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଯାଇ ୧୯୪୩ ମାର୍ଚ୍ଚ ୨୯ ଭୋର ୫ଟାରେ ଫାଶୀ ଦିଆଯାଇଥିଲା। ଫାଶୀ ପୂର୍ବରୁ ଲକ୍ଷ୍ମଣ କହିଥିଲେ ସୂର୍ଯ୍ୟ ଯଦି ସତ୍ୟ, ଚନ୍ଦ୍ର ଯଦି ସତ୍ୟ ତେବେ ଭାରତମାତା ସ୍ୱାଧୀନ ହେବ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, କାରାପାଳ ଲକ୍ଷ୍ମୀକାନ୍ତ ଧାଙ୍ଗଡ଼ା ମାଝୀ ଉପସ୍ଥିତ ଥିଲେ। ଡିଆଇପିଆରଓ ସୌରଭ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଓ କାରାଗାରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ମାନବ ଅଧିକାର ସୁରକ୍ଷା ମଞ୍ଚର ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ଓ ବିକାଶ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସମିତି ସଭାନେତ୍ରୀ କୁନି କୁମାରୀ ଦେବୀ ଓ ବିକାଶର ଉପ ସଭାପତି ଜ୍ୟୋତିକୃଷ୍ଣ ବେହେରା ମାଲ୍ୟାର୍ପଣ କରିଥିଲେ। ଆବାହକ ଅବନୀ ଗୟାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଂସ୍କାରମୂଳକ କାର୍ଯ୍ୟର ନେତୃତ୍ୱ ପାଇଁ ଲକ୍ଷ୍ମଣଙ୍କୁ କୋରାପୁଟର ଗାନ୍ଧୀ ବୋଲି ବିବେଚନା କରାଯାଉଥିଲା। ଅନ୍ୟାୟ ବିରୋଧରେ ତାଙ୍କ ଆନ୍ଦୋଳନ ସଫଳ ହୋଇଥିବାରୁ ତାଙ୍କୁ ଫାଶୀ ଦିଆଯାଇଥିଲା ବୋଲି ବକ୍ତାମାନେ ମତ ରଖିଥିଲେ । ବିକାଶର ସାଧାରଣ ସମ୍ପାଦକ ରବି ନାରାୟଣ ବେହେରା,ସମାଜିକ କର୍ମୀ ଗୁଣନିଧି ବେହେରା, ମଞ୍ଚ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ପୂର୍ବତନ କ୍ରୀଡା ଶିକ୍ଷକ କେଦାର ଚୌଧୁରୀ ଓ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରମାନେ ଉପସ୍ଥିତ ଥିଲେ। ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଦି ପିପୁଲସ ଟ୍ରଷ୍ଟ ପାଳିଛି ଲକ୍ଷ୍ମଣଙ୍କ ଫାଶି ଦିବସ। ଟ୍ରଷ୍ଟ ଅଧକ୍ଷ ଯୁଧିଷ୍ଠିର ବେହେରା ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କର୍ପୋରେଟର ସୁରେନ୍ଦ୍ର ମହାରଣା, ଓଷ୍ଟାର ପୂର୍ବତନ ସମ୍ପାଦକ ବିଜୟ ବେହେରା, ନାଟ୍ୟକାର ମଦନ ମୋହନ ମିଶ୍ର,କର୍ମଚାରୀ ନେତା ପ୍ରତାପ ଚୌଧୁରୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସୁସ୍ଥତା ପାଇଁ କ୍ରୀଡ଼ାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ: ବିଧାୟକ

କବିସୂର୍ଯ୍ୟନଗର,୨୯।୩( କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ପିଏମଶ୍ରୀ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ମିହିର ଶତପଥୀ ଅଧ୍ୟକ୍ଷତା କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଯଶସ୍ୱିନୀ ବେହେରାଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରାରେ ଅଣାଯାଇ ମୁଖ୍ୟ ଅତିଥି ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଧାୟକ ମଶାଲ ସ୍ଥାପନ କରି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଶିକ୍ଷୟିତ୍ରୀ ମାମିନି ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ନାୟକ ଶିକ୍ଷାର୍ଥୀଙ୍କ ଜୀବନରେ ସୁସ୍ଥତା ପାଇଁ କ୍ରୀଡାର ଆବଶ୍ୟକତା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ବିଇଓ ଅଭିମନ୍ୟୁ ସାହୁ, ସ୍ୱତନ୍ତ୍ର ବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ପୀତବାସ ବିଶ୍ୱାଳ, ନିମନ୍ତ୍ରିତ ଅତିଥି ରୂପେ ପରମାନନ୍ଦ ଖଣ୍ଡୁଆଳ, ଜନାର୍ଦ୍ଦନ ପାତ୍ର, ଜଗନ୍ନାଥ ଦାସ, ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ପରିଚାଳନା କମିଟି ସଭାପତି ପଦ୍ମନାଭ ମିଶ୍ର, ଦୀପ୍ତି ମହାପାତ୍ର, ମର୍ଦ୍ଧରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଦାଶରଥି ସ୍ୱାଇଁ ଉପସ୍ଥିତ ଥିଲେ।

# ପୁଟୁଡି ଜଳପ୍ରପାତରେ ସଚିବାଳୟ ଅଧିକାରୀ ନିଖୋଜ

ଫୁଲବାଣୀ,୨୯।୩(ରାକେଶ କୁମାର ରାଉତ)


ଦମକଳବାହିନୀ ଜଳପ୍ରପାତରେ ସ୍ୱାଧୀନଙ୍କୁ ଖୋଜାଖୋଜି କରୁଛନ୍ତି।

କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୁଟୁଡ଼ି ଜଳପ୍ରପାତରେ ଗାଧୋଉଥିବା ବେଳେ ରାଜ୍ୟ ସଚିବାଳୟର ଜଣେ ଅଧିକାରୀ ରବିବାର ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ସଚିବାଳୟରେ ସହକାରୀ ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିବା ସ୍ୱାଧୀନ ବିଶ୍ୱାଳ (୩୩)। ତାଙ୍କ ଘର ସମ୍ବଲପୁର। ଛୁଟି ଥିବାରୁ ସେ ଘରକୁ ଯାଇଥିଲେ। ରବିବାର ସ୍ୱାଧୀନ ତାଙ୍କ ବନ୍ଧୁ ଦୀନେଶ ଶଙ୍କର, ସ୍ୱାଗତ ସାହୁ ଓ ଜ୍ୟୋତି ପ୍ରକାଶ ନାୟକଙ୍କ ସହିତ ପୁଟୁଡି ଜଳପ୍ରପାତକୁ ବୁଲିବା ପାଇଁ ଯାଇଥିଲେ। ସେଠାରେ ଗାଧୋଉଥିବା ସମୟରେ ସେ ଅସାବଧାନତାବଶତଃ ଗଭୀର ଜଳକୁ ଚାଲିଯାଇ ବୁଡ଼ି ଯାଇଥିଲେ। ସାଙ୍ଗମାନେ ବହୁତ ଖୋଜାଖୋଜି କରି ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ପରେ ସଦର ପୋଲିସ ଓ ଫୁଲବାଣୀ ଦମକଳ ବାହିନୀକୁ ଖବର ଦେଇଥିଲେ। ପୋଲିସ ଓ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଖୋଜ ସ୍ୱାଧୀନଙ୍କ ସନ୍ଧାନ କରୁଛନ୍ତି। ସ୍ୱାଧୀନଙ୍କ ପରିବାର ଓ ବନ୍ଧୁମାନେ ପହଞ୍ଚି ଖୋଜିବା କାର୍ଯ୍ୟରେ ସାମିଲ ହୋଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ସ୍ୱାଧୀନଙ୍କ କୌଣସି ପତ୍ତା ମିଳିନାହିଁ।

# ନାଟଙ୍ଗା ଆଦର୍ଶ ଗୁରୁକୁଳ ଶିକ୍ଷା ନିକେତନର ବାର୍ଷିକ ପ୍ରତିଭା ସମ୍ମାନ ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା,୨୯।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ନାଟଙ୍ଗା ଆଦର୍ଶ ଗୁରୁକୁଳ ଶିକ୍ଷା ନିକେତନର ପଞ୍ଚମ ବାର୍ଷିକ ପ୍ରତିଭା ସମ୍ମାନ ଉତ୍ସବ ରବିବାର ଗୋବିନ୍ଦ ଚନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଶିବରାମ ପଣ୍ଡା ଯୋଗଦେଇ ଶୃଙ୍ଖଳିତ ଭାବରେ ଶିକ୍ଷା ଅର୍ଜନ କଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନେତାଜୀ ବିଷୋୟୀ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ସମ୍ପାଦକ ସୂର୍ଯ୍ୟନାରାୟଣ ପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଭଞ୍ଜ ସାହିତ୍ୟ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ଲେଙ୍କା ପରିଚାଳନା କରିଥିବା ବେଳେ ଶିକ୍ଷକ ମହେଶ୍ୱର ରାଉତ ଏବଂ ଗାୟତ୍ରୀ ଗୁରୁମା ଅତିଥି ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରୀଡା ଉତ୍ସବର ସଫଳ ପ୍ରତିଯୋଗି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ ସଫଳତା ପାଇଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭାଗ୍ୟଶାଳୀ ମାଆ ଭାବେ କମଳା ପାତ୍ର ଓ ଭାଗ୍ୟଶାଳୀ ଅଭିଭାବକ ଭାବେ ସଞ୍ଜୟ ସେଠୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କୁମୁଦିନୀ ଫାଉଣ୍ଡେଶନ ତରଫରୁ ଶ୍ରେଷ୍ଠ ଜେଜେବାପା ଭାବେ ସତ୍ୟନାରାୟଣ ରାଓଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ଚିତ୍ରାଲେଖା ଗୌଡ଼ଙ୍କୁ ଜେଜେମା ଜେଜେବାପା ପ୍ରବନ୍ଧର ସଫଳ ପ୍ରତିଯୋଗୀ ଭାବେ ଚୟନ କରାଯାଇ କୁମୁଦିନୀ ଫାଉଣ୍ଡେଶନ୍ ପ୍ରତିଷ୍ଠାତା ସନ୍ୟାସୀ ପାତ୍ରଙ୍କ ତରଫରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଗାୟତ୍ରୀ ଗୁରୁମା, ଅନିତା ଗୁରୁମା, ସିମିରନ୍ ଗୁରୁମା ସହଯୋଗ କରିଥିଲେ।

# ସିଲ୍କସିଟି ମହୋତ୍ସବକୁ ଆକର୍ଷଣୀୟ କରିବାକୁ ବିଧାୟକଙ୍କ ପରାମର୍ଶ

ବ୍ରହ୍ମପୁର,୨୯।୩(ଅଶୋକ କୁମାର ସାହୁ)


ବୈଠକରେ ବିଧାୟକ, ମେୟର, ଜିଲାପାଳ ଓ କମିଶନରଙ୍କ ସହ ଅନ୍ୟମାନେ।

ଆସନ୍ତା ମାସ ୬ ରୁ ୧୨ ତାରିଖ ସିଲ୍କ ସିଟି ମହୋତ୍ସବ, ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ସ୍ୱଦେଶୀ ମେଳା ଅନୁଷ୍ଠିତ ହେବ। ଏଥିପାଇଁ ସ୍ଥାନୀୟ ସର୍କିଟ ହାଉସରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ କେ.ଅନୀଲ କୁମାର ଏଥିରେ ସଭାପତିତ୍ୱ କରି ମହୋତ୍ସବକୁ କିଭଳି ଆକର୍ଷଣୀୟ କରାଯାଇପାରିବ ସେଥିପାଇଁ ପରାମର୍ଶ ଦେଇଛନ୍ତି। ସମନ୍ୱୟ, ସହଭାଗିତା ମାଧ୍ୟମରେ ଓ ୩ ତାରିଖ ସୁଦ୍ଧା ପ୍ରସ୍ତୁତିକୁ ସମ୍ପୂର୍ଣ୍ଣ କରିବା ଉପରେ ଜିଲାପାଳ ଭି.କୀର୍ତ୍ତିଭାସନ ଗୁରୁତ୍ୱ ଦେଇଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଡପଡିଆରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ପଲ୍ଲିଶ୍ରୀ ମେଳା, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଦର୍ଶନୀ, ଫୁଡ କୋର୍ଟ, କୃଷି ଯନ୍ତ୍ରପାତି ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ କ୍ରୀଡା ଓ ଫନ ଗେମ, ସ୍ୱଦେଶୀ ଖାଦ୍ୟ ପ୍ରତିଯୋଗିତା, ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ପରିମଳ, ଅଗ୍ନିନିର୍ବାପକ ବ୍ୟବସ୍ଥା, ପାନୀୟ ଜଳ, ଅର୍ଥ, ପ୍ରଚାର ପ୍ରସାର, ପଲିଥିନ ବ୍ୟବହାର ନିଷେଧ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କାର ପ୍ରଦାନ ଆଦି ସମସ୍ତ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ, ବିଏମସି ମେୟର ଏ.ଶସ୍ୟା ରେଡ୍ଡୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୁଦ୍ଧଦୀପ ଗୁରୁକୁଳ ସ୍କୁଲର ବାର୍ଷିକୋତ୍ସବ

ଗଞ୍ଜାମ,୨୯।୩(ବିଦ୍ୟାଧର ସାହୁ)

ବଡ଼ବଜାରସ୍ଥିତ ବୁଦ୍ଧଦୀପ ଗୁରୁକୁଳ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଡେପୁଟି କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ, ମୁଖ୍ୟବକ୍ତା ଶିକ୍ଷାବିତ ଗୋପାଳ ବେହେରା, ଗଞ୍ଜାମ ପ୍ରେସ୍ କ୍ଲବ ସଭାପତି ଶବର ତରେଇ, ଉମାକାନ୍ତ ବେହେରା, ସ୍କୁଲ ଅଧ୍ୟକ୍ଷା ସୋନାଲି ନାୟକ, ବାଟାଲିୟନ ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ଯଶୋବନ୍ତ ସ୍ୱାଇଁ, ପ୍ରଭାତ ସାହୁ, ସାମାଜିକ କର୍ମୀ ରାକେଶ ରଞ୍ଜନ ଦାସ, ସୁଧୀର ପାଢ଼ୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘ, ଗଂଜାମ ଜିଲା ଶାଖାର ୫ମ ବାର୍ଷିକ ଉତ୍ସବ ଗଂଜାମ କଳାପରିଷଦ ଠାରେ ଅନୁଷ୍ଠିତ ହୋଇଛି। ସଂଗଠନର ସଭାପତି ଡି.ମୋହନ ରାଓ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଗଠନର ମହାସଚିବ ଗୋକୁଳାନନ୍ଦ ବେହେରା , କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା, ପଞ୍ଚାନନ ଜେନା ଅନ୍ୟତମ ବକ୍ତା ଥିଲେ। ଜିଲାର ୪୦୦ରୁ ଅଧିକ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସମ୍ପାଦକୀୟ ବିବରଣୀ ଉପରେ ରାଜ୍ୟ ସଂଘର ଉପଦେଷ୍ଟା କେ.ନନ୍ଦେଶ୍ବ ସେନାପତି, ଉପ ସଭାପତି ଏ.ସତ୍ୟନାରାୟଣ ଗୁପ୍ତା, ଜିଲା ଉପଦେଷ୍ଟା ସହସ୍ରନାମ ପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଗୋକୁଳାନନ୍ଦ ବେହେରା ଭାଲିଡେସନ ଆକ୍ଟ ଉପରେ ବୁଝାଇ ଏହା କେତେ ଅସୁବିଧା କହିଥିଲେ। ଖ୍ୟମନ୍ତ୍ରୀଙ୍କୁ ବହୁବାର ସଂଘ ପକ୍ଷରୁ ଦାବି ସମ୍ପର୍କରେ ଅବଗତ କରାଯାଇଥିଲେ ବି ଆଶ୍ୱସନ ଛଡା ଆଉ କିଛି ମିଳିନାହିଁ ବୋଲି ମୁଖ୍ୟ ଅତିଥି କହିଥିଲେ। କେନ୍ଦ୍ର ସରକାର ଜାନୁଆରୀ ପହିଲାରୁ ଦେବାକୁ ଥିବା ମହଙ୍ଗା ଭତ୍ତା ଆଜିଯାଏ ଘୋଷଣା କରିନାହାନ୍ତି। ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘ ଡ଼ାକରାରେ ସର୍ବଭାରତ ସ୍ଥରରେ ଭାରତର ୮୦୦ ବ୍ଲକରେ ଓ ଜିଲ୍ଲା ସଦର ମହକୁମାରେ ପ୍ରତିବାଦ ଦିବସ ପାଳନ କରିବାକୁ ସ୍ଥିର କରାଯାଇଥିଲା। ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାପାଇଁ ସ୍ଥିର ହୋଇଥିଲା। ରାଜ୍ୟ ପେନସନରମାନଙ୍କ ୯ ଦଫା ଦା ପୂରଣ ପାଇଁ ଭୁବନେଶ୍ୱର ଠାରେ ମେ ୧୩ରୁ ୧୫ ତାରିଖ ଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ୧୦ ବୟୋଜ୍ୟେଷ୍ଠ ସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

# ରକ୍ତଦାନ ସମାଜ ପାଇଁ ପ୍ରେରଣା



ଶିବିରରେ ଜଣେ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୨୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଗୁରୁକୁଳ ଫାଉଣ୍ଡେସନ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅକ୍ଷେନ୍ଦୁ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରକ୍ତଦାନ ସମାଜ ପାଇଁ ଏକ ପ୍ରେରଣା ବୋଲି କହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସ୍କୁଲ ସଭାପତି ପ୍ରଶାନ୍ତ ମହାପାତ୍ର, ସଂପାଦିକା ଅନୀତା କୁମାରୀ ପାଢ଼ୀ ଓ ଅଧ୍ୟକ୍ଷା ମଧୁଛନ୍ଦା ମିଶ୍ର ଅତିଥି ରୂପେ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଫାଉଣ୍ଡେସନ ମୁଖ୍ୟ ପ୍ରୀତମ ମହାପାତ୍ର ପ୍ରଥମେ ରକ୍ତ ଦାନ କରିଥିଲେ। ପରେ ବିଦ୍ୟାଳୟର ଅଭିଭାବକ, କାଯ୍ୟକର୍ତ୍ତା ଓ ଅନ୍ୟାନ୍ୟ ଲୋକେ ରକ୍ତ ଦାନ କରିଥିଲେ। ମୋଟ ୧୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥିଲା। ମେଡିକାଲ ଟିମ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ସମାଜ ପାଇଁ ଏକ ପ୍ରକୃଷ୍ଟ ଉଦାହରଣ ବୋଲି ବକ୍ତାମାନେ କହିଥିଲେ। ପ୍ରୀତମ ମହାପାତ୍ର ଓ ପ୍ରୀତି ରାଣୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବ୍ରହ୍ମପୁରର ବିକାଶ ମୋ ଲକ୍ଷ୍ୟ: ବିଧାୟକ

ବ୍ରହ୍ମପୁର,୨୯।୩(ଅଶୋକ କୁମାର ସାହୁ)

ବ୍ରହ୍ମପୁରରେ ଅନେକ ସମସ୍ୟା ରହିଛି। ବର୍ତ୍ତମାନ ଦୁଇ ବର୍ଷ ଭିତରେ ଅନେକ ସମସ୍ୟାର ସମାଧାନ ହୋଇଛି। ପୂର୍ବରୁ ଯୋଜନାବଦ୍ଧ କାମ ହେଉନଥିଲା। ବର୍ତ୍ତମାନ ଯାହା ହେଉଛି ଯୋଜନାବଦ୍ଧ କାର୍ଯ୍ୟ ହେଉଛି। ତେଣୁ ବ୍ରହ୍ମପୁର ଏକ ବିକଶିତ ଧାରାରେ ପଡିଯାଇଛି। ବ୍ରହ୍ମପୁରର ବିକାଶ ମୋ ଲକ୍ଷ୍ୟ ରହିଛି। ଲୋକଙ୍କ ଚାହିଦା ଅନୁସାରେ ଧିରେ ତାହା ପୂରଣ ହେବାରେ ଲାଗିଛି। ଆଗାମୀ ଦିନରେ ଏକ ସୁନ୍ଦର ଓ ବିକଶିତ ବ୍ରହ୍ମପୁର ଲୋକଙ୍କୁ ଭେଟି ଦିଆଯିବ ବୋଲି ଅନେକ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ମତ ରଖୁଛନ୍ତି। ରବିବାର ମଧ୍ୟ ବ୍ରହ୍ମପୁର ସିଲ୍କସିଟି ମହୋତ୍ସବ ପାଇଁ ଏକ ବୈଠକରୁ ଫେରିବା ପରେ ସେ ସେହି ବିକାଶର କଥାକୁ ଦୋହରାଇଛନ୍ତି। ବର୍ତ୍ତମାନ ଡବଲ ଇଂଜିନ ସରକାର ଚାଲିଛି। ତେଣୁ ଅନୁଦାନର ଅଭାବ ନାହିଁ। ବିଧାୟକ ପାଣ୍ଠି ଓ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠି ବିନିଯୋଗ ହେବାରେ ଲାଗିଛି। ଲୋକଙ୍କ ପୂର୍ଣ୍ଣ ସହଯୋଗରେ କାମ ଚାଲିଛି ବୋଲି କହିଛନ୍ତି। ପୂର୍ବରୁ ବ୍ରହ୍ମପୁର ଯେଭଳି ଟ୍ରାଫିକ ସମସ୍ୟାରେ ସନ୍ତୁଳି ହେଉଥିଲା ଆଉ କମ ଦିନ ଭିତରେ ତାହାର ନିଶ୍ଚିତ ସମାଧାନ ହେବ। ପରେ ବ୍ରହ୍ମପୁରର ଅନେକ ସାହି ଜଳବନ୍ଦୀ ସମସ୍ୟାରେ ପଡିଥିବାବେଳେ ତାହାକୁ ଯୋଜନାବଦ୍ଧ ଭାବେ କରାଯିବ। ବର୍ତ୍ତମାନ ମୁନିସିପାଲିଟି ଅଫିସ ନିକଟରୁ ନୀଳକଣ୍ଠନଗରର ସରସ୍ୱତୀ ଶିଶୁ ମନ୍ଦିର ପର୍ଯ୍ୟନ୍ତ ବର୍ଷା ଦିନେ ଯେଉଁ ସମସ୍ୟା ଦେଖାଦେଉଥିଲା ତାହା ରହିବ ନାହିଁ। ଉକ୍ତ ରାସ୍ତା ଚଉଡା ହେବା ସହିତ


ବିଧାୟକ କେ.ଅନିଲ କୁମାର।

ଓସାରିଆ ଡ୍ରେନ ବି ତିଆରି ହୋଇଛି। ବିଭାଗୀୟ ଅଧିକାରୀଙ୍କ ସହିତ କଥା ହୋଇ ତାହାର ସମାଧାନ କରାଯାଇଛି। ଧିରେ ଧିରେ ଅନ୍ୟାନ୍ୟ ଅଞ୍ଚଳ ପ୍ରତି ଗୁରୁତ୍ୱ ଦିଆଯାଇ ତାହାର ସମାଧାନ କରାଯିବ। ବ୍ରହ୍ମପୁର ଏକ ବ୍ୟବସାୟିକ ସହର ହୋଇଥିବାବେଳେ ଆଧ୍ୟାତ୍ମିକତା ବି ଲୋକଙ୍କ ଭିତରେ ପୁରି ରହିଛି। ତେଣୁ ଅନେକ ମଠ, ମନ୍ଦିରଗୁଡିକର ବିକାଶ ପାଇଁ ଧ୍ୟାନ ଦିଆଯାଇଛି। ସେଥିରେ ବ୍ରହ୍ମପୁରର ବୁଢ଼ି ଠାକୁରାଣୀ ମନ୍ଦିର ବି ରହିଛି। ସେହିପରି ପୋଖରୀଗୁଡିକର ସୌନ୍ଦର୍ଯ୍ୟକରଣ ଉପରେ ଧ୍ୟାନ ରଖାଯାଇ କାର୍ଯ୍ୟ ବି ଆରମ୍ଭ ହୋଇଛି। ପ୍ରଥମ ବର୍ଷ ପ୍ରାୟ ୧୦ କୋଟି ଟଙ୍କା ବିନିମୟରେ ଅନେକ ବିକାଶ କରାଯାଇଛି। ବର୍ତ୍ତମାନ ମଧ୍ୟ ୬.୫୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ ହୋଇ ସାରିଛି। ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଇ ଅନେକ ବ୍ୟାୟାମ କେନ୍ଦ୍ରକୁ ଅନୁଦାନ ଦିଆଯାଇଛି। ପଞ୍ଚାୟତ ମିଶ୍ରଣ ପରେ ଆଗାମୀ ଦିନରେ ଲୋକେ ଏକ ବଡ ବ୍ରହ୍ମପୁର ଦେଖିବେ। ପ୍ରଶାସନର ବି ସହଯୋଗ ରହିବ। ସମସ୍ତଙ୍କ ସହଯୋଗରେ ବିକାଶ କରାଯିବ ବୋଲି ବିଧାୟକ କହିଛନ୍ତି।

